## ଗୃହରକ୍ଷୀଙ୍କ ଆତ୍ମହତ୍ୟା

ଜି.ଉଦୟଗିରି,(ଡି.ଏନ.ଏ.)-କନ୍ଧମାଳ ଜିଲା ଜି.ଉଦୟଗିରି ଥାନାର ଜଣେ ଗୃହରକ୍ଷୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୀମାଞ୍ଚଳ ମହାନ୍ତି(୩୯)। ମୃତକ ଭାଇଙ୍କ ଏତଲାକୁ ଭିତ୍ତି କରି ଜି.ଉଦୟଗିରି ପୋଲିସ ଗଉଡ଼ ସାହି ବସା ଘରୁ ଝୁଲନ୍ତା ଅବସ୍ଥାରେ ସୀମାଞ୍ଚଳଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ନଂ.୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୀମାଞ୍ଚଳ ଗଉଡ଼ ସାହି ବସା ଘରେ ବହୁ ବର୍ଷ ହେବ ଏକା ରହୁଥିଲେ। କୌଣସି କଥାକୁ ନେଇ ସେ ସବୁବେଳେ ମାନସିକ ଚିନ୍ତାରେ ରହୁଥିଲେ। ୩ ଦିନ ଧରି ତାଙ୍କର କୌଣସି ଖବର ନ ମିଳିବାରୁ ତାଙ୍କ ଭାଇ ଥାନାରେ ଏତଲା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ନରେଶ ଚନ୍ଦ୍ର ସାହୁ କହିଛନ୍ତି।

**ସଂକ୍ଷେପରେ**

## ଏସ୍ଏସ୍ବି ପରୀକ୍ଷା ଦେଲେ ୯୦୦

ବ୍ରହ୍ମପୁର ଅଫିସ, ୨୦।୧୨- ଷ୍ଟାଫ୍ ସିଲେକ୍ସନ ବୋର୍ଡ (ଏସ୍ଏସ୍ବି) ଦ୍ୱାରା ପରିଚାଳିତ ଜୁନିୟର ଆସିଷ୍ଟାଣ୍ଟ ଓ ଷ୍ଟେନୋଗ୍ରାଫର ପରୀକ୍ଷା ରବିବାର ୫ଟି କେନ୍ଦ୍ରରେ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ତହସିଲଦାର ସିପକ୍ କୁମାର ପାତ୍ର। ସମୁଦାୟ ୧୮୫୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦୦ ପରୀକ୍ଷା ଦେଇଥିବା ଜଣାପଡିଛି। ସହରର ଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ରଗୁଡିକ କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ଜୁନିୟର ଆସିଷ୍ଟାଣ୍ଟରେ ୧୫୯, ଷ୍ଟେନୋଗ୍ରାଫର ୧୨ ପଦବୀ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ।

## ସରିଲା ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା

ବ୍ରହ୍ମପୁର ଅଫିସ, ୨୦।୧୨-ଚଳିତ ବର୍ଷ ଦ୍ୱିତୀୟ ପର୍ଯ୍ୟାୟ ସ୍ନାତକୋତ୍ତର ପାଠ୍ୟକ୍ରମରେ ରବିବାର ମୋଟ ୬୪୩ ଛାତ୍ରୀଛାତ୍ର ଆଡ଼ମିଶନ କରିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟର ଶେଷ ଦିନରେ ୨୩ ଜଣ ଛାତ୍ରୀଛାତ୍ର ଆଡମିଶନ କରିଛନ୍ତି। ଗୃହ ବିଜ୍ଞାନରେ ୧, ଇଲେକ୍ଟ୍ରୋନିକ୍ସ ସାଇନ୍ସରେ ୩, ଆଇଆର୍ ଏଣ୍ଡ ପିଏମ୍ ୧, ମେରାଇନ ଓସିନୋଗ୍ରାଫି ୧, ଓଡ଼ିଆ ୩, ରସାୟନ ବିଜ୍ଞାନ ୨, ଇଂଲିଶ ୨, ସାମ୍ବାଦିକ ଓ ଗଣ ଯୋଗାଯୋଗ ୨, ଆଇନ ୨, ପ୍ରାଣୀବିଜ୍ଞାନ ୩, ବାୟୋଟେକ୍ନୋଲୋଜି ୧, ପଦାର୍ଥ ବିଜ୍ଞାନ ୧, ଏମ୍ବିଏରେ (ଏଫ୍ଏମ୍)ଜଣେ ଆଡମିଶନ ନେଇଛନ୍ତି। ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟ ୧୮ରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ ନାମଲେଖା ୨୮ ଓ ୨୯ ତାରିଖରେ ହେବ।

## ଭୂ-ବନ୍ଦୋବସ୍ତ କାର୍ଯ୍ୟକାରୀ ଦାବି କଲା ଜିଆଇଏସ୍ଏସ୍

ବ୍ରହ୍ମପୁର ଅଫିସ୍,୨୦।୧୨-ଗୋପବନ୍ଧୁ ଇନିଷ୍ଟିଟ୍ୟୁଟ୍ ଅଫ୍ ସୋସିଆଲ ସର୍ଭିସ୍ ଓଡ଼ିଶା(ଜିଆଇଏସ୍ଏସ୍) ପକ୍ଷରୁ ହିଲ୍ପାଟଣା ସ୍ଥିତ କମ୍ୟୁନିଟି ହଲ୍ରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିନୋଦ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ରାଜ୍ୟରେ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭୂ-ବନ୍ଦୋବସ୍ତ କାର୍ଯ୍ୟକାରୀ ନ ହେବା ଫଳରେ ମ୍ୟୁଟେସନ୍, ପାରିବାରିକ ବଣ୍ଟନ, ଅଦାଲତ ଆଦେଶ, ସରକାରୀ ଜମି ବନ୍ଦୋବସ୍ତ, ସିଲିଂ ଜମି ବଣ୍ଟନ ଓ ଅନ୍ୟାନ୍ୟ କାରଣ ଯୋଗୁ ହଜାର ହଜାର ଭୂମି ମାଲିକ ସୃଷ୍ଟି ହୋଇ ପୃଥକ ଦଖଲରେ ଥିଲେ ସୁଦ୍ଧା ନକ୍ସା ଓ ସତ୍ତ୍ୱଲିପି ପରିବର୍ତ୍ତନ କରାଯାଉ ନ ଥିବାରୁ ବହୁ ଭୂମି ମାଲିକଙ୍କ ଭୂ-ରାଜସ୍ୱ ଆଦାୟ ହୋଇପାରୁ ନ ଥିବା ସଂଘ କହିଛି। ଏଣୁ ଭୂ-ବନ୍ଦୋବସ୍ତ କାର୍ଯ୍ୟ ପୁନଃ ପ୍ରଚଳନ, ଜମି ବିକ୍ରୟ ପୂର୍ବରୁ ବିକ୍ରେତାଙ୍କଠାରୁ ଜମିର ଟ୍ରେସ୍ ମ୍ୟାପ୍ ସହ ସମସ୍ତ ଦଲିଲ୍ର ନକଲ ସଂଗ୍ରହ କରି ତହସିଲଦାରଙ୍କ ଦ୍ୱାରା ଜମିର ତଦନ୍ତ କାର୍ଯ୍ୟ ପରେ ଜମି ରେଜିଷ୍ଟ୍ରେସନ୍ କରିବା ପାଇଁ ସଂଘ ଦାବି କରିଛି। ଏଥିରେ ସଂଘ ସଭାପତି ବିନୋଦ କୁମାର ପାଣିଗ୍ରାହୀ, ସମ୍ପାଦକ ଦୁର୍ଗା ମିଶ୍ର, ଉପଦେଷ୍ଟା ସୁଶାନ୍ତ କୁମାର ରାଜଗୁରୁ, ସଂଯୋଜକ ଗୋକୁଳାନନ୍ଦ ତ୍ରିପାଠୀଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଷ୍ଟାଡିୟମ: ଚାଲିଛି କ୍ରିକେଟ୍, ହକି ଗ୍ରାଉଣ୍ଡ କାର୍ଯ୍ୟ

ଛତ୍ରପୁର,୨୦।୧୨(ଡି.ଏନ୍.ଏ.)




ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଷ୍ଟାଡିୟମର ପୁନରୁଦ୍ଧାର ଓ ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ୩୮ କୋଟି ଟଙ୍କା ମଞ୍ଜୁର ହୋଇଛି। କ୍ରିକେଟ୍ ଗ୍ରାଉଣ୍ଡ କାମ ଚାଲିଛି। ହକି ଗ୍ରାଉଣ୍ଡର କାମ ୬୦ ପ୍ରତିଶତ ସରିଲାଣି ବୋଲି ଯୋଗାଯୋଗ ବେଳେ ଗଞ୍ଜାମ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏଠାରେ ଏକ ଇନଡୋର ହଲ ନିର୍ମାଣ ହେବ। ୨ଟି ବାସ୍କେଟବଲ୍ ଓ ୨ଟି ଭଲିବଲ୍ କୋର୍ଟ ରହିବ। ପର୍ଯ୍ୟାପ୍ତ ପାର୍କିଂ ସୁବିଧା ହେବ ବୋଲି ଜଣାପଡ଼ିଛି। ୧୯୯୩ରେ ବ୍ରହ୍ମପୁର ଷ୍ଟାଡିୟମ ପ୍ରତିଷ୍ଠା ହୋଇଥିଲା। ସେ ସମୟରେ ୫ ହଜାର ଦର୍ଶକଙ୍କ ବସିବା ନିମନ୍ତେ ବ୍ୟବସ୍ଥା ଥିଲା। ଏହି ଷ୍ଟାଡିୟମରେ ୩ ରଣଜୀ ଟ୍ରଫି ମ୍ୟାଚ ଖେଳାଯାଇଛି। ୧୯୯୩ରେ ଓଡିଶା ଓ ତ୍ରିପୁରା ମଧ୍ୟରେ,୧୯୯୮ରେ ଓଡିଶା ଓ ଆସାମ ଟିମ୍ ମଧ୍ୟରେ ଏବଂ ଆଉ ଏକ ମ୍ୟାଚ୍ ହୋଇଥିଲା। ପରେ ଏହି ଷ୍ଟାଡିୟମ ଦୀର୍ଘ ୨୦ ବର୍ଷ ହେଲା ସୁପ୍ତ ଅବସ୍ଥାରେ ରହିଥିଲା। ଏହାର ବିକାଶ ଓ ସଂପ୍ରସାରଣ ପାଇଁ ଏହାର ପାର୍ଶ୍ୱରେ ଜମି ସମସ୍ୟା ଯୋଗୁ ବିକାଶ ହୋଇପାରୁନଥିଲା। ଏହି ସବୁ ଅକ୍ତିଆରକୁ ଆଣିବା ପରେ ଷ୍ଟାଡିୟମର ପରିସର ବୃଦ୍ଧି ହୋଇଥିଲା। ଏହାକୁ ଜାତୀୟସ୍ତରର ଷ୍ଟାଡିୟମ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଜିଲାରେ କ୍ରୀଡ଼ାର ବିକାଶ ପାଇଁ ବ୍ରହ୍ମପୁର ଷ୍ଟାଡିୟମ ସମେତ ଛତ୍ରପୁର, ହିଞ୍ଜିଳି ସମେତ ଅନ୍ୟାନ୍ୟ ସ୍ଥାନରେ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ଆବଶ୍ୟକ କାର୍ଯ୍ୟ କରାଯାଉଛି। ହିଞ୍ଜିଳିକାଟୁରେ ଅନ୍ତର୍ଜାତୀୟସ୍ତରୀୟ ଇନଡୋର ହଲ୍ ଛତ୍ରପୁରଠାରେ ମଧ୍ୟ ଇନଡୋର ହଲ ନିର୍ମାଣ ସରି କାର୍ଯ୍ୟକ୍ଷମ କରାଯାଇଛି।

## ଓଡ଼ିଶା ଭେଟେରାନ୍ସ ଆସୋସିଏଶନ୍ ବୈଠକ




ଭେଟେରାନ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ବୈଠକ।

ବ୍ରହ୍ମପୁର ଅଫିସ, ୨୦।୧୨

ଓଡ଼ିଶା ଭେଟେରାନ୍ସ ଆସୋସିଏଶନ ପକ୍ଷରୁ ରବିବାର ଗେଟ୍ ବଜାର ସ୍ଥିତ ଏନ୍ଜିଓ ହଲ୍ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସୈନିକ ବୋର୍ଡ ସମ୍ପାଦକ ପଦବୀ ଖାଲି ପଡ଼ିବା, ସୈନିକ କଲ୍ୟାଣ ସମିତି ଗୃହ ନିର୍ମାଣ ନିମନ୍ତେ କୁକୁଡ଼ାଖଣ୍ଡିରେ ଚିହ୍ନଟ ହୋଇଥିବା ଜାଗା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିସହ ଅବସରପ୍ରାପ୍ତ ସୈନିକଙ୍କ ପାରିବାରିକ ଓ ବ୍ୟକ୍ତିଗତ ସମସ୍ୟାର ସମାଧାନ, ଅବସରପ୍ରାପ୍ତ ସୈନିକ ସିଏସ୍ଡି(କ୍ୟାଣ୍ଟିନ ଷ୍ଟୋର ଡିପାର୍ଟମେଣ୍ଟ)କ୍ୟାଣ୍ଟିନରେ କିଭଳି ସୁବିଧାରେ ସମସ୍ତ ଜିନିଷ ଉପଲବ୍ଧ ରହିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ସଂଘ ସଭାପତି କାଲୁ ଚରଣ ପ୍ରଧାନ, ଉପସଭାପତି ନିକୁଞ୍ଜ ବିହାରୀ ପ୍ରଧାନ ଓ ସାଧାରଣ ସମ୍ପାଦକ ଅଭୟ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇକେଏସ୍ସି ପକ୍ଷରୁ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଶ୍ରମିକ ନେତା।

ବ୍ରହ୍ମପୁର ଅଫିସ,୨୦।୧୨

କୃଷି ଆଇନ ବିରୋଧରେ ଦିଲ୍ଲୀଠାରେ ଚାଲିଥିବା ଆନ୍ଦୋଳନରେ ପ୍ରାଣ ହରାଇଥିବା କୃଷକଙ୍କ ପାଇଁ ରବିବାର ଅଲ୍ ଇଣ୍ଡିଆ କୃଷକ ସଂଘର୍ଷ ସମିତି(ଏଆଇକେଏସ୍ସି) ପକ୍ଷରୁ ବ୍ରହ୍ମପୁର ପୁରୁଣା ବସ୍ଷ୍ଟାଣ୍ଡଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟ୍ ସ୍ୱାର୍ଥରେ କେନ୍ଦ୍ର ସରକାର କୃଷି ଆଇନ ପ୍ରଣୟନ କରିଛନ୍ତି। ଏହି ଆଇନ ଦ୍ୱାରା କୃଷକ ଶୋଷଣର ଶିକାର ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଏହାର ପ୍ରତିବାଦ କରି ଦିଲ୍ଲୀରେ ଚାଲିଥିବା ଆନ୍ଦୋଳରେ ଅଦ୍ୟାବଧି ପ୍ରାୟ ୨୦ କୃଷକଙ୍କ ପ୍ରାଣହାନି ଘଟିଲାଣି। ତଥାପି କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିରେ ଶ୍ରମିକ ନେତା ବସନ୍ତ ନନ୍ଦ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫୁଲ୍ଲ ସାମନ୍ତରା, ଯୁଧିଷ୍ଠର ବେହେରା, ପ୍ରଶାନ୍ତ ପାଟ୍ଯୋଶୀ ଓ ଅଳି କିଶୋର ପଟ୍ଟନାୟକଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଡାକ୍ତରଙ୍କୁ କୋଭିଡ୍ ଯୋଦ୍ଧା ସମ୍ମାନ

ବ୍ରହ୍ମପୁର ଅଫିସ,୨୦।୧୨

ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜର ଅବସରପ୍ରାପ୍ତ ଭେଷଜ ବିଶେଷଜ୍ଞ ପ୍ରଫେସର ପି.ସି. ସାହୁଙ୍କୁ ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ କୋଭିଡ ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। କରୋନା ବ୍ୟାପିଥିବା ବେଳେ ୯୦ ବର୍ଷ ବୟସରେ ଡ଼ା. ସାହୁ ଜୀବନକୁ ବାଜି ଲଗାଇ ରୋଗୀ ସେବାରେ ନିୟୋଜିତ ହୋଇଥିଲା। ବରିଷ୍ଠ ସାମାଜିକ କର୍ମୀ ଭାବେ ପରିଚିତ ପ୍ରଫେସର ସାହୁଙ୍କୁ ସ୍ଥାନୀୟ ନବୀନ ପ୍ରତିଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାନର ମୁଖ୍ୟ ରବି ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଡ଼. ଡ଼ମ୍ବରୁଧର ସାହୁ, କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର, ପବିତ୍ର ଚୌଧୁରୀ, ମଞ୍ଜୁ ରଥ, ସତ୍ୟମ୍ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ଼ା. ସାହୁଙ୍କ ନିରାମୟ ଜୀବନ କାମନା କରାଯାଇଥିଲା। ସୂଚନାଯୋଗ୍ୟ ତାଙ୍କ ବିୟୋଗରେ ମେଡିକାଲ ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ଶରୀର ଦାନ ଲାଗି ସତ୍ୟପାଠ ମାଧ୍ୟମରେ ଘୋଷଣା କରିଛନ୍ତି।

# ଗାଡ଼ି ଶୋ'ରୁମ୍ରୁ ଚୋରି

ବ୍ରହ୍ମପୁର ଅଫିସ,୨୦।୧୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂଠାରେ ଥିବା ଭେସ୍ପା ଶୋ'ରୁମ୍ର ଶଟର୍ ଭାଙ୍ଗି ଶନିବାର ରାତିରେ ୩ ଲକ୍ଷ ଟଙ୍କା ଚୋରି ହୋଇଥିବା ନେଇ ମାଲିକ ପାର୍ଥ ପାଢ଼ୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏ ନେଇ ନଂ. ୨୯୯/୨୦ରେ ଏକ ମାମଲା ରୁଜୁ କରିଛି। ଜଣେ ସୁରକ୍ଷାକର୍ମୀ ଉକ୍ତ ଶୋ' ରୁମ୍ରେ ନିୟୋଜିତ ଥିବା ବେଳେ ଦୁର୍ବୃତ୍ତମାନେ କିପରି ସେଠାରୁ ଚୋରି କଲେ ସେ ନେଇ ପୋଲିସ ତନାଘନା ଚଳାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ସୁରକ୍ଷାକର୍ମୀଙ୍କ ମୋବାଇଲ ଫୋନ ଜବତ କରି ପୋଲିସ ଯାଞ୍ଚ ଚଳାଇଛି ବୋଲି ମଧ୍ୟ ସେ କହିଛନ୍ତି।

ଘଟଣାରୁ ପ୍ରକାଶ, ଖୋଡାସିଂଠାରେ ଥିବା ଭେସ୍ପା ଶୋ'ରୁମ୍ରେ ଜଣେ ରାତ୍ରି ଜଗୁଆଳି କାମ କରନ୍ତି। ଶନିବାର ରାତିରେ ଶୋ' ରୁମ ବନ୍ଦ ହେବା ପରେ ଜଗୁଆଳି ବାହାରେ ବିଶ୍ରାମ ନେଇଥିଲେ। ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ସେ ଉଠି ଶୋ'ରୁମ ଚାରି ପଟେ ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଥିଲେ। ହେଲେ ପଛପଟେ ଥିବା ୱାର୍କ ଶପ୍ରେ ଜଳୁଥିବା ସମସ୍ତ ଲାଇଟ୍ ବନ୍ଦ ରହିଥିଲା। ଶୋ'ରୁମ ଭିତରେ କେହି ପଶିଥିବା ସନ୍ଦେହ କରି ସେ ମାଲିକଙ୍କୁ ଖବର କରିଥିଲେ। ମାଲିକ ପାର୍ଥ ସେଠାରେ ପହଞ୍ଚି ପୋଲିସକୁ ଏନେଇ ଖବର କରିଥିଲେ। ପୋଲିସ ପହଞ୍ଚି ଅନୁସନ୍ଧାନ ବେଳେ ଚୋର ଗ୍ୟାଙ୍ଗ ଶୋ'ରୁମ ପଛ ପଟ ୱାର୍କଶପ୍ ଆଜବେଷ୍ଟସ ଭାଙ୍ଗି ଘର ଭିତରକୁ ପଶିଥିଲେ। ଶୋ'ରୁମ ପଛପଟ ଶଟର୍ ତାଲା ଭାଙ୍ଗି ଭିତରେ ପଶି କ୍ୟାଶ୍ କାଉଣ୍ଟରରେ ଥିବା ଟଙ୍କା ନେଇଯାଇଥିଲେ। ଯିବା ବେଳେ ସେମାନେ ସିସିଟିଭି କ୍ୟାମେରା ତାର ଛିଣ୍ଡାଇ ଦେବା ସହ ଡିଭିଆର ନେଇଯାଇଥିବା ପୋଲିସ ସନ୍ଦେହ କରୁଛି।

# କଲଗାର୍ଲ କହି ଦୁର୍ବ୍ୟବହାର, ୨ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୨୦।୧୨

ମହିଳାଙ୍କୁ ଫୋନରେ କଲଗାର୍ଲ କହି ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ରାମନଗରର ମନୋରଞ୍ଜନ ନାୟକ (୨୮) ଓ ବ୍ରଜନଗରର ଚନ୍ଦନ ସାହୁ (୨୮)। ମାମଲା ନମ୍ବର ୨୫୬/୨୦ ରେ ରବିବାର ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ୨ଜଣ ଯୁବକ ଫୋନରେ କଲଗାର୍ଲ କହି ଗତ କିଛିଦିନ ହେଲା ନାନା ପ୍ରକାର ଅଶ୍ଳୀଳ ଇଙ୍ଗିତ ସହ ହଇରାଣ କରୁଥିଲେ। ଗତ ୧୯ ତାରିଖରେ ସେମାନେ ସମ୍ପୃକ୍ତ ମହିଳାଙ୍କୁ ଫୋନରେ ଦୁର୍ବ୍ୟବହାର କରିଥିଲେ। ମହିଳାଙ୍କ ଆତ୍ମସମ୍ମାନ ହାନି ଘଟିଥିଲା। ଏଣୁ ସେ ଟାଉନ ଥାନାରେ ଏନେଇ ଅଭିଯୋଗ କରିଥିଲେ।

# ଗୁରୁଦେବଙ୍କ ଖଲାସ ଦାବି କଲା ସିପିଆଇ ରେଡ୍ ଷ୍ଟାର୍




ସିପିଆଇ ରେଡ୍ ଷ୍ଟାର ପକ୍ଷରୁ ପ୍ରତିବାଦ।

ବ୍ରହ୍ମପୁର ଅଫିସ୍,୨୦।୧୨

ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ମଞ୍ଚ ଆବାହକ ଗୁରୁଦେବ ବେହେରାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ପ୍ରତିବାଦରେ ସିପିଆଇ ରେଡ୍ଷ୍ଟାର୍ ଗଞ୍ଜାମ ଜିଲା କମିଟି ପକ୍ଷରୁ ରବିବାର ଟାଟାବେଞ୍ଜ ଛକଠାରେ ପ୍ରତିବାଦ କରାଯାଇଛି। ଛତ୍ରପୁରସ୍ଥିତ ଆଇଆର୍ଇ ପରିସରରେ ଥିବା ମୋନାଜାଇଟ୍ ପ୍ଲାଣ୍ଟ ଯୋଗୁ ୩୦ କି.ମି.ପରିଧିରେ ଜଳ, ବାୟୁ ପ୍ରଦୂଷଣ ହୋଇ ବହୁ ଲୋକ ବୃକକ୍ ରୋଗର ଶୀକାର ହୋଇଛନ୍ତି। ମୋନାଜାଇଟ୍ ପ୍ଲାଣ୍ଟକୁ ତୁରନ୍ତ ବନ୍ଦ କରିବା, ଆଇଆରଇ ନିକଟସ୍ଥ ମାଟିଖାଲ, ବଡ଼ପୁଟି ଓ ଶ୍ରୀରାମପୁର ଗ୍ରାମକୁ ଜବରଦଖଲ ଓ ସିଏସ୍ଆର ପାଣ୍ଠି ଲୁଟ୍ ବିରୋଧରେ ଆବାହକ ଗୁରୁଦେବ ସ୍ୱର ଉତ୍ତୋଳନ କରିଥିଲେ। ଯାହାକୁ ନେଇ ଆଇଆରଇ କର୍ତ୍ତୃପକ୍ଷ ପୋଲିସ୍ରେ ମିଥ୍ୟା ମାମଲା ରୁଜୁ କରି ୨୭ ଗ୍ରାମବାସୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଛନ୍ତି। ଏଣୁ ମିଥ୍ୟା କେସ୍ ପ୍ରତ୍ୟାହାର କରି ଗୁରୁଦେବ ଓ ଅନ୍ୟ ଗ୍ରାମବାସୀଙ୍କୁ ଖଲାସ କରିବା ପାଇଁ ସଂଘ ଦାବି କରିଛି। ଏଥିରେ ଆଦିବାସୀ ମହାସଭାର ରାଜ୍ୟ ଆବାହକ ଟୁନା ମଲିକ, କ୍ରାନ୍ତିକାରୀ କୃଷକ ସଭାର ପି.ପାର୍ବତୀ ଓ ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ଭଞ୍ଜନଗର,୨୦।୧୨ (ଡି.ଏନ.ଏ.)

ଭଞ୍ଜନଗର-ଆସିକା ମୁଖ୍ୟ ରାସ୍ତାର ଅଗଖୋଳ ପେଟ୍ରୋଲ ଟାଙ୍କି ନିକଟରେ ରବିବାର ବସ୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଗୁରାବାଡ଼ିର ପ୍ରବୀଣ ବିଷୋୟୀ। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ବାଇକ୍ରେ ବସିଥିବା ଅନ୍ୟ ଜଣେ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ପ୍ରବୀଣ ବାଇକ୍ରେ ପେଟ୍ରୋଲ ପକାଇ ଫେରୁଥିବା ବେଳେ ବସ୍ ଧକ୍କା ଦେଇଥିଲା।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. Online Tender 15/MKG/2020-21
No.O-742:- 1. Name of the work : Road works (Detailed in Annexure). 2. Total Number of Works : 01 (One) Number. 3. Tender Cost : Rs. 55.45 lakhs. 4. Class of Contractor : 'B' &'A' Class contractors. 5. Period of Completion : (As Per Detailed in Annexure). 6. Other Details:-

| Procurement Officer | Bid Identification No. | No. of works | Availability of tender Online for Bidding | | Last date & time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division-I, Malkangiri | Online Tender /15 / RWD-I, MKG/2020-21 | 01(One) No. of Road works | 22.12.2020 from 11.00 A.M. | 29.12.2020 upto 5.00 P.M. | 28.12.2020 upto 5.00 P.M. | 30.12.2020 at 11.30 A.M. | 31.12.2020 at 11.00 A.M. |

Further details can be seen from the Website www.tenderorissa.gov.in
Executive Engineer, R.W. Division-I, Malkangiri
OIPR-25058/11/0015/2021

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦ୍ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଭଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜେଲ ଗଲେ ୧୬ ମହିଳା, ୧୦ ପୁରୁଷ ଫେରାର

ବ୍ରହ୍ମପୁର ଅଫିସ,୨୦।୧୨

**ନାବାଳିକାଙ୍କୁ ଗଛରେ ବାନ୍ଧି ମାଡ଼ ଘଟଣା**

ଜନୈକା ନାବାଳିକାଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କୁ ଏକ ଗଛରେ ବାନ୍ଧି ଆକ୍ରମଣ ଓ ତାଙ୍କ ଶରୀରରୁ ବସ୍ତ୍ର ବାହାର କରିଥିବା ଘଟଣାରେ ଖଲ୍ଲିକୋଟ ଥାନା ପୋଲିସ ୧୬ ମହିଳାଙ୍କୁ ଗିରଫ କରିଥିଲା। ରବିବାର ଅଭିଯୁକ୍ତମାନଙ୍କୁ ମାମଲା ନଂ. ୫୨୦/୨୦ରେ ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତଙ୍କ ଜାମିନ ଖାରଜ କରିଛନ୍ତି।

ଗିରଫମାନେ ହେଲେ ଶାନ୍ତି ନାହାକ, କୁମାରୀ ନାହାକ, ମାମିନି ନାହାକ ଓ ଲକ୍ଷ୍ମୀ ନାହାକଙ୍କ ସମେତ ୧୬ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ଅନ୍ୟପଟେ ଏହି ଘଟଣାରେ ସମ୍ପୃକ୍ତ ଥିବା ୧୦ ଜଣ ପୁରୁଷ ଏବେ ଫେରାର ରହିଛନ୍ତି ବୋଲି ଛତ୍ରପୁର ଏସ୍ଡିପିଓ ଗୌତମ କିଷାନ ସୂଚନା ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ସମସ୍ତ ଦିଗ ଉପରେ ପୋଲିସ ନଜର ରଖିଛି। ତଦନ୍ତ ବେଳେ ଯେଉଁମାନଙ୍କର ଏଥିରେ ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପୀଡିତା ଓ ତାଙ୍କ ପରିବାରକୁ ପୋଲିସ ପକ୍ଷରୁ ସୁରକ୍ଷା ଦିଆଯାଉଛି।

ଘଟଣାରୁ ପ୍ରକାଶ, ଖଲ୍ଲିକୋଟ ଥାନା ଅଞ୍ଚଳରେ ୧୮ ତାରିଖରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ଉକ୍ତ ଗ୍ରାମର କେତେଜଣ ମହିଳା ଓ ପୁରୁଷ ଜନୈକା ଦଳିତ ନାବାଳିକାଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କ ଘରେ ପଶିଥିଲେ। ପରେ ସେମାନେ ତାଙ୍କୁ ଗାଁଦାଣ୍ଡକୁ ଟାଣି ଆଣିଥିଲେ। ସେଠାରେ ଥିବା ଏକ ଗଛରେ ବାନ୍ଧି ଉଭୟ ମହିଳା ଓ ପୁରୁଷ ତାଙ୍କୁ ମାରପିଟ କରି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ କଟୁ ମନ୍ତବ୍ୟ ଦେଇଥିଲେ। ପରେ ନାବାଳିକାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଗ୍ରାମର ମହିଳା ଓ ପୁରୁଷମାନେ ସେଠାରେ ନାବାଳିକା ପିନ୍ଧିଥିବା ବସ୍ତ୍ର ବାହାର କରି ତାଙ୍କ ଆତ୍ମସମ୍ମାନ ହାନି କରିଥିଲେ। ଏଭଳି ଘଟଣାର ସେଠାରେ ଉପସ୍ଥିତ ଲୋକମାନେ ମୋବାଇଲରେ ଫଟୋ ଉଠାଇଥିଲେ। ଯେଉଁଥିରେ ତାଙ୍କର ସମ୍ମାନ ହାନି ଘଟିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ପରେ ନାବାଳିକା ଜଣଙ୍କ ଏନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ଅନୁରୋଧ କରିଥିଲେ ବୋଲି ଜଣାପଡିଛି।

## ସଂକ୍ଷେପରେ

### ମୃତ ଶିକ୍ଷକଙ୍କ ପରିବାରଙ୍କୁ ୧ ଲକ୍ଷ ଟଙ୍କା ସହାୟତା

ଶେରଗଡ,୨୦।୧୨(ଡି.ଏନ୍.ଏ.)- ଶେରଗଡ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଏକ ଲକ୍ଷ ଟଙ୍କାର ଚେକ୍ ମୃତ ଶିକ୍ଷକଙ୍କ ପରିବାରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଚେକ୍ ପ୍ରଦାନ ସମୟରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୌରନ୍ଦ୍ରି ଦଳେଇ , ଶିକ୍ଷକ ସଂଘ ପକ୍ଷରୁ କାଳୀ ଚରଣ ଚୌଧୁରୀ, ସୁରେନ୍ଦ୍ର ଗୌଡ, ସିଆର୍‌ସିସି ପ୍ରମୁଖଙ୍କ ଉପସ୍ଥିତିରେ ଏହି ସହାୟତା ରାଶି ଚେକ୍ ମୃତ ସହକାରୀ ଶିକ୍ଷକ ତଥା ସିଆରସିସିଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସେ ହେଲେ ଶେରାଙ୍କୁଡା ଗ୍ରାମ ଏବଂ ଶେରଗଡ ବ୍ଲକ ହରିକୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ସିଆରସିସି ବାବୁଲା ବେହେରା। ଗତ ନଭେମ୍ବର ମାସରେ ପକ୍ଷଘାତ ରୋଗରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜାତୀୟ ଶ୍ରଦ୍ଧାଞ୍ଜଳି ଦିବସ

ଗଞ୍ଜାମ,୨୦।୧୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାକ୍ସବାଦୀ) ପକ୍ଷରୁ ରବିବାର ଜାତୀୟ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ଏଥିରେ ସିପିଏମ୍ ଆଞ୍ଚଳିକ କମିଟି ସମ୍ପାଦକ ଦିଲ୍ଲୀପ କୁମାର ଛୋଟରାୟ, ଯୁବନେତା ତ୍ରିଲୋଚନ ପ୍ରଧାନ, ଧର୍ମରାଜ ସ୍ୱାଇଁ, ସତୀଶ ସ୍ୱାଇଁ, ଶ୍ରୀଧର ସ୍ୱାଇଁ ପ୍ରମୁଖ ଶହୀଦ କୃଷକ ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ କୃଷି ଆଇନ ବାତିଲ କରିବାକୁ ସମସ୍ତ କୃଷକ ଏକ ହେବାକୁ ଆହ୍ୱାନ ଦିଆଯାଇଥିଲା।

### ଘର ଭିତରୁ ମୃତଦେହ ଜବତ

ଦିଗପହଣ୍ଡି,୨୦।୧୨(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଦଳିତ ସାହିର ଭରତ ନାୟକଙ୍କ ଘରୁ ରବିବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ପାଟପୁର ଥାନା ଭୁଡୁକି ଗ୍ରାମର ପ୍ରକାଶ ନାୟକ। ପ୍ରକାଶ ୩ ବର୍ଷ ପୂର୍ବେ ଭୀଷ୍ମଗିରିର ଭରତଙ୍କ କନ୍ୟା ରୁନୁଙ୍କୁ ବିବାହ କରିଥିଲେ। ପୂର୍ବରୁ ତାଙ୍କର ଗୋଟିଏ ଝିଅ ଥିବା ବେଳେ ୩ ଦିନ ପୂର୍ବେ ପୁତ୍ର ଜନ୍ମ ହେବାରୁ ସେ ଖୁସିରେ ଆତ୍ମହରା ହୋଇ ପ୍ରତିଦିନ ପ୍ରଚୁର ମଦ ପିଉଥିଲେ। ଶନିବାର ରାତିରେ ପ୍ରକାଶ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଏବଂ ଶାଶୁଙ୍କ ସହ ଗଣ୍ଡଗୋଳ କରି ବାରିପଟେ ଥିବା ସଜନା ଗଛରେ ଚଢ଼ି ଆତ୍ମହତ୍ୟା କରିଥିଲେ। ସ୍ୱାମୀଙ୍କ ପାଟି ଶୁଣି ସ୍ତ୍ରୀ ଏବଂ ଗ୍ରାମବାସୀ ପ୍ରକାଶଙ୍କୁ ଗଛରୁ ଓହ୍ଲାଇ ପାଣି ଦେବା ପରେ ସେ ମୃତ୍ୟୁବରଣ କରିଥିଲେ। ଦିଗପହଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଏ ନେଇ ନଂ. ୧୬/୨୦ରେ ଅପମୃତ୍ୟୁ ମାମଲା

### ଚାଷୀ ସଚେତନତା ରଥର ଶୁଭାରମ୍ଭ

ପାରଳାଖେମୁଣ୍ଡି,୨୦।୧୨(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଣ୍ଡିରେ ଖରିଫ ଧାନ ବିକ୍ରି ନିମନ୍ତେ ଏକ ଚାଷୀ ସଚେତନତା ପ୍ରଚାର ରଥର ରବିବାର ଶୁଭାରମ୍ଭ ହୋଇଛି। ଜିଲାପାଳ ଅନୁପମ ସାହା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ସମବାୟ ସମିତିର ଟି. ଭି. ପ୍ରସାଦ ରାଓ, ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ଲାଡି ରଘୁବାବୁ, ଜିଲା ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀ ପ୍ରମୁଖଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଜିଲାର ୬ ଗୋଟି ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଷୀଙ୍କୁ ସଚେତନ କରାଇବ। ମଣ୍ଡିକୁ ଆସିବା ସମୟରେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ବଜାୟ ରଖିବା ବାଧ୍ୟତାମୂଳକ, ଧାନ ବିକ୍ରି ସମୟରେ ଆଧାର କାର୍ଡ, ବ୍ୟାଙ୍କ ପାସ ବହିର ପ୍ରଥମ ପୃଷ୍ଠା ନକଲ ଓ ଏସ୍ଏମ୍ଏସ୍ ଟୋକନ ପତ୍ର ସହ ଧାନ ମଣ୍ଡିକୁ ଆଣିବା ଆଦି ନେଇ ଚାଷୀ ମାନଙ୍କୁ ସଚେତନ କରାଇବ ଏହି ରଥ।

### ମଦଭାଟି ଉପରେ ଚଢ଼ାଉ, ୮ ଗିରଫ

ଆସିକା,୨୦।୧୨(ଡି.ଏନ୍.ଏ.)- ଆସିକା ଥାନା ବାଲିସିରା ଓ କମାଗଡ ଗ୍ରାମ ଉପକଣ୍ଠରେ ଚାଲିଥିବା ବେଆଇନ ରନ୍ଧା ମଦଭାଟି ଉପରେ ରବିବାର ଭୋରରୁ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୭ଶହ ଲିଟର ରନ୍ଧାମଦ ଜବତ କରାଯିବା ସହ ୨ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ବହୁ ପରିମାଣର ମଦରନ୍ଧା ସରଞ୍ଜାମ ଜବତ କରାଯାଇଛି। ଏହି ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜୁ ନାଇକ, ବସନ୍ତ ନାଇକ, ଉମ୍ଭ ନାଇକ, ଶତ୍ରୁଘ୍ନ ନାଇକ, ସନ୍ତୋଷ ନାଇକ, ନରେନ୍ଦ୍ର ନାଇକ, ଅଙ୍ଗଦ ନାଇକ ଓ ରାଜେନ୍ଦ୍ର ନାଇକ। ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆସିକା ଆସିକା ଥାନାରେ ନଂ.୬୮୩, ୬୮୪, ୬୮୫, ୬୮୬, ୬୮୭, ୬୮୮, ୬୮୯, ୬୯୦/୨୦ରେ ୮ଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# କାଠଗଣ୍ଡିରେ ଯାତାୟାତ କରୁଛନ୍ତି ଆଦିବାସୀ

ବାଲିଗୁଡ଼ା,୨୦।୧୨(ଡି.ଏନ୍.ଏ.)

କନ୍ଧମାଳର ବିକାଶ ପାଇଁ ସରକାରୀସ୍ତରରେ ସ୍ୱତନ୍ତ୍ର ଯୋଜନା ରହିଛି। ହେଲେ ଏବେ ମଧ୍ୟ ଅନେକ ଅଞ୍ଚଳରେ ବିକାଶ ଅପହଞ୍ଚ ହୋଇଛି। ଫଳରେ ବର୍ଷବର୍ଷ ଧରି ଲୋକେ କାଠଗଣ୍ଡିରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଟିକାବାଲି ବ୍ଲକରେ। ଉକ୍ତ ବ୍ଲକର ଗଦଗୁଡ଼ା ପଞ୍ଚାୟତର ପେନାଲା ଗ୍ରାମର ପିଲାଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଜୀବନକୁ ବାଜି ଲଗାଇ ଏହି କାଠଗଣ୍ଡି ଉପରେ ଚଳାଚଳ କରୁଛନ୍ତି। ଏହି ବାଟ ନିକଟତର ହେଉଥିବାରୁ କାଠ ଉପରେ ଯାତାୟାତ କରନ୍ତି ବୋଲି ପେନାଲ ଗ୍ରାମର ଆଦିବାସୀ କହିଛନ୍ତି। ଏହାର



କାଠଗଣ୍ଡି ଉପରେ ଦେଇ ଜଣେ ମହିଳା ଯାଉଛନ୍ତି।

ସମାଧାନ ପାଇଁ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଗ୍ରାମବାସୀ ମୌଖିକ ଓ ଲିଖିତ ଅଭିଯୋଗ କରିଥିଲେ, କିନ୍ତୁ ଫଳଶୂନ ବୋଲି କହିଛନ୍ତି।

ନିର୍ବାଚନ ସମୟରେ ଭୋଟ ପାଇଁ ନେତା ଆସି ପୋଲ ଓ ରାସ୍ତା କରିଦେବେ ବୋଲି ପ୍ରତିଶ୍ରୁତି ଦେଇ ଫେରନ୍ତି। କିନ୍ତୁ ନିର୍ବାଚନ ସରିଲେ କାହାର

**ପେନାଲା ଗ୍ରାମକୁ ରାସ୍ତା ନାହିଁ**

ଦେଖା ମିଳେନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପଲ୍ଲିସଭାରେ ମଧ୍ୟ ଅନେକ ଥର ରାସ୍ତା ଓ ପୋଲ କଥା ଉଠାଇବା ପରେ କିଛି ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ରାସ୍ତା ତିଆରି ହେଲା ନାହିଁ। ଏ ସମ୍ପର୍କରେ ଗଦଗୁ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ଯେଉଁ କାଠଗଣ୍ଡି ପକାଇ କିଛି ଗ୍ରାମବାସୀ ଯାତାୟାତ କରୁଛନ୍ତି, ତାହା କେବଳ ଜଙ୍ଗଲରୁ କାଠ ଆଣିବା କିମ୍ବା ଗୋରୁ ଚରାଇବାରେ ବ୍ୟବହାର କରୁଛନ୍ତି। ତେଣୁ ଉକ୍ତ ରାସ୍ତା ପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ। ଯଦି ଅଧିକ ସଂଖ୍ୟାରେ ଅଞ୍ଚଳବାସୀ ଯାତାୟାତ କରୁଥାନ୍ତି, ତା'ହେଲେ ଏହାର ସମୀକ୍ଷା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ସେ ବୋଲି କହିଛନ୍ତି।

## ନାବାଳକ ନିଖୋଜ, ଥାନାରେ ମାମଲା

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୨୦।୧୨(ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ଅଞ୍ଚଳରୁ ଜଣେ ନାବାଳକ ନିଖୋଜ ହୋଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି ନାବାଳକଙ୍କ ମା' ପାଞ୍ଚଆୟ ଘାଇସାହିର ଫାବିନା ଲିମା।

ଗତ ମଙ୍ଗଳବାର ଫାବିନା ତାଙ୍କ ୧୧ ବର୍ଷର ପୁଅ ଅପୂର୍ବଙ୍କୁ ଘରେ ଏକା ଛାଡ଼ି ମକା ଭାଙ୍ଗିବାକୁ ଧାଡ଼ିଆମ୍ବ ଗାଁକୁ ଯାଇଥିଲେ। ଶୁକ୍ରବାର ଘରକୁ ଫେରି ପୁଅକୁ ପାଇ ନଥିଲେ। ଗାଁ ସମେତ ସମ୍ପର୍କୀୟଙ୍କ ଘରକୁ ଯାଇ ଖୋଜାଖୋଜି କରି ନିରାଶ ହେବାପରେ ଶନିବାର ମୋହନା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ପୁଅକୁ କେହି ଅପହରଣ କରିନେଇଥିବା ସେ ସନ୍ଦେହ କରୁଛନ୍ତି। ଏତଲା ପରେ ମୋହନା ପୋଲିସ ନଂ.୨୨୧/୨୦ରେ ମାମଲା ରୁଜୁକରି ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ନାବାଳକ ଜଣକ କାମ ଅନ୍ୱେଷଣରେ ବାହାରକୁ ଯାଇଥିବା ସୂଚନା ମିଳିଛି, ଏନେଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଜିତ କୁମାର ନାୟକ କହିଛନ୍ତି।

## ୧୨ ଫୁଟିଆ ଅଜଗର ଉଦ୍ଧାର



ଉଦ୍ଧାର ହୋଇଥିବା ସାପ।

ବୁଗୁଡ଼ା,୨୦।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ଟିକରପଡ଼ା ଗ୍ରାମର ଆମ୍ବତୋଟାରୁ ରବିବାର ଅପରାହ୍ନରେ ୧୨ ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି। ଉକ୍ତ ରାସ୍ତା ଦେଇ ଯାଉଥିବା ଗ୍ରାମବାସୀ ଏକ ଆମ୍ବଗଛରେ ଅଜଗର ସାପକୁ ଚଢ଼ୁଥିବା ଦେଖି ସ୍ନେକ୍ ହେଲ୍ପ ଲାଇନକୁ ଖବର ଦେଇଥିଲେ। ହେଲ୍ପ ଲାଇନ ସଦସ୍ୟ ହରିଶ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଅଜଗର ସାପକୁ ଧରିଥିଲେ। ପରେ ବାଲିପଦର ବନପାଳ କ୍ଷୀରୋଦ କୁମାର ଗୌଡ଼ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସାପକୁ ସୁରକ୍ଷିତ ଅବସ୍ଥାରେ ନେଇ ଜଙ୍ଗଲରେ ଛାଡ଼ିଥିଲେ।

# ଦିଲ୍ଲୀରେ ଆନ୍ଦୋଳନରତ ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

ପାରଳାଖେମୁଣ୍ଡି,୨୦।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ରବିବାର ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନ କ୍ରମେ ଗଜପତି ଜିଲା ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ଦିଲ୍ଲୀଠାରେ ଚାଲିଥିବା ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ପାରଳାଖେମୁଣ୍ଡି ସ୍ଥିତ ସିପିଆଇ(ଏମ୍)ର ଜିଲା କାର୍ଯ୍ୟାଳୟରେ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନବେଳେ ମୃତ୍ୟୁବରଣ କରିଥିବା ୨୯ଜଣ କୃଷକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ବିକେଏମ୍ଏୟୁ ରାଜ୍ୟ ସଭାପତି ତଥା



ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ।

ସିପିଆଇ ଜିଲା ସମ୍ପାଦକ ଜେନା ସୁବାସ ଚନ୍ଦ୍ର ରାଓ, ସିପିଆଇ(ଏମ୍) ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ଆଇନଜୀବୀ ଉପେନ୍ଦ୍ର ନାୟକ, ଶ୍ରୀନିବାସ ବେହେରା, ସିଆଇଟିୟୁର ପି. ମୂରଲୀ କ୍ରିଷ୍ଣା, ଦଳିତ ନେତା ମୋହିତ ମିଶାଲ, ଇସ୍‌ମାଇଲ ଶବର, ଏମ୍. ବାଙ୍ଗାରୀ, କର୍ଣ୍ଣ ସ୍ୱାଲସିଂ, ଆଦିବାସୀ ନେତା ନୀଳ ରାୟପାତ୍ରଙ୍କ ସମେତ ବହୁ ବାମପନ୍ଥୀ ନେତା ଓ କର୍ମୀ ଯୋଗଦେଇଥିଲେ।

## ଅପହର୍ତ୍ତାଙ୍କୁ ଧରିବାକୁ ତଦନ୍ତ ଜାରି

### ହାର୍ଦ୍ଦିକ ଉଦ୍ଧାରର ୨ ଦିନ ବିତିଲା

କାଶୀନଗର,୨୦।୧୨(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ସହରର ବହୁ ଚର୍ଚ୍ଚିତ କାଜୁ ବ୍ୟବସାୟୀ ଜେ.ଗୋପୀଙ୍କ ପୁଅ ହାର୍ଦ୍ଦିକ (୭) ଅପହର୍ତ୍ତାଙ୍କ କବଳରୁ ଉଦ୍ଧାର ପାଇବା ୨ଦିନ ବିତିଗଲାଣି। ମାତ୍ର ପୋଲିସ ଏବେବି ଅପହର୍ତ୍ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ରବିବାର କାଶୀନଗର ପୋଲିସ ଗୋପୀଙ୍କ ପରିବାରକୁ ଥାନାକୁ ଡାକି ପୃଥକ୍ ପୃଥକ୍ ଭାବେ ପଚରା ଉଚରା କରିଥିଲା। ମାତ୍ର କୌଣସି ନିର୍ଦ୍ଦିଷ୍ଟ ସୂଚନା ପାଇ ପାରି ନଥିବା ଜଣାପଡ଼ିଛି। ହାର୍ଦ୍ଦିକର ମଉସା ପି. ନରେଶ କହିଛନ୍ତି, କଇଠପଦର ଗ୍ରାମରେ ଥିବା ଗୋଦାମ ଗୃହ ନିକଟ ଜମି ମାପିବାକୁ ଯିବାବେଳେ ଗୋଦାମ କବାଟ ଫାଙ୍କ ଦେଇ ଚାହିଁବାରୁ ହାର୍ଦ୍ଦିକ ଭିତରେ ଶୋଇଥିବା ଦେଖି ଚାବି ଭାଙ୍ଗି ଉଦ୍ଧାର କରିଥିଲି। ସେ କେମିତି ସେଠାକୁ ଗଲା ମୁଁ କିଛି ଜାଣିନାହିଁ। ସୁଶାନ୍ତ ଅପହରଣ ଦିନଠାରୁ ସେଠାରେ ଥିଲେ ନା କେହି ଛାଡିଦେଇଗଲା ଚର୍ଚ୍ଚା ଜୋର ଧରିଛି। ଏନେଇ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଅତିଶୀଘ୍ର ଏହା ଉପରୁ ପରଦା ଉଠିବ ବୋଲି କହିଛନ୍ତି।

## ଭାଜପାର ପ୍ରଶିକ୍ଷଣ ଶିବିର

ଛତ୍ରପୁର,୨୦।୧୨(ଡି.ଏନ.ଏ)

ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧିନ ଛତ୍ରପୁର ଏନ୍ଏସି ମଣ୍ଡଳର ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଣ୍ଡଳ ସଭାପତି ସଞ୍ଜିତ କୁମାର ରାଉଳ ଅଧକ୍ଷତା କରିଥିବା ବେଳେ କଣମଣା ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ ପୌରହିତ୍ୟ କରିଥିଲେ । ଶିବିରକୁ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ଉଦଘାଟନ କରିଥିଲେ । ସୁବାସ ଚନ୍ଦ୍ର ସାହୁ, ଚିନ୍ମୟାନନ୍ଦ ମହନ୍ତ ମହରାଜ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢୀ, ରାଜ୍ୟ ବିସ୍ତାରକ ସଂଯୋଜକ ଶିବ ଶଙ୍କର ଶତପଥୀ, ଜିଲା ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର, ଛତ୍ରପୁର ଏନ୍ଏସି ପ୍ରଭାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଦଳର ଆଭିମୁଖ୍ୟ, କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ । ଭାଜପାର ଇତିହାସ ଓ ବିକାଶ, କାର୍ଯ୍ୟ ପଦ୍ଧତି ଓ ସଂଗଠନ ସରଞ୍ଚରନାରେ ଭୂମିକା ଆଦି ଉପରେ କର୍ମୀ ଓ ନେତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଗଞ୍ଜାମ ଏନ୍ଏସି ମଣ୍ଡଳ ସଭାପତି ସୁଦାମ ଚରଣ ଜେନା, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସନାତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି

ଦିଗପହଣ୍ଡି, ୨୦।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ କମଳାପୁର ଗ୍ରାମସ୍ଥିତ କାଶୀ ବିଶନାଥ ଶୈବପୀଠରେ ଆୟୋଜିତ



ନବ ନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସଂଘର ପରିବର୍ଦ୍ଧିତ ସଭାରେ ସଂଘର ନୂତନ ସଭାପତି ଭାବେ ସନାତନ ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଶିକ୍ଷକ ସଂଘର ପୂର୍ବତନ ସଭାପତି ବାୟା ଗୌଡ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗଣେଶ ଚନ୍ଦ୍ର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାବତ ଓ ରଜନୀ ରଥଙ୍କୁ ସଂଘ ପକ୍ଷରୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶଶାଙ୍କ ପ୍ରଧାନଙ୍କ ଉପସ୍ଥିତିରେ ସଂଘର ବ୍ଲକ ଶାଖା ସଭାପତି ପଦବୀ ଏବଂ ଜିଲା କମିଟି ସଭ୍ୟ ନିମନ୍ତେ ନିର୍ବାଚନ କରାଯାଇଥିଲା। ଜିଲା କମିଟି ସଦସ୍ୟ ସଦସ୍ୟା ପଦ ସକାଶେ ଶ୍ରୀହରି ମହାନ୍ତି ଓ ସନ୍ତୋଷ ଗୌଡଙ୍କୁ ନିର୍ବାଚିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦାମୋଦର ପାଢ଼ୀ, ଭଗବାନ ପାଢ଼ୀ, ଏଲ. କୃଷ୍ଣମୂର୍ତ୍ତି ଦୋରା, ଜିତୁ ଶ୍ରୀହରୀ, ଶିବଶଙ୍କର ମିଶ୍ର, ପର୍ଶୁ ବେହେରା, ଲକ୍ଷ୍ମଣ ସାହୁ, ପଦ୍ମ ପଟ୍ଟନାୟକ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ ।

## ପରୀକୁ ନ୍ୟାୟ ଦାବିରେ ଭାଜପାର ପଦଯାତ୍ରା

ପୋଲସରା/ବୁଗୁଡ଼ା,୨୦।୧୨(ଡି.ଏନ.ଏ.)

ପରୀକୁ ନ୍ୟାୟ ଓ ମନ୍ତ୍ରୀ ଅରୁଣ ସାହୁଙ୍କୁ ଗିରଫ ଦାବି ନେଇ ଭାଜପା ପକ୍ଷରୁ ପୋଲସରା ଏବଂ ବୁଗୁଡ଼ାଠାରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଘୁମୁସର ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଗୋକୁଳା ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଘୁମୁସର ଜିଲା ଉପସଭାପତି ପ୍ରଭାକର ପଣ୍ଡା ଓ ଯୁବ ଉପସଭାପତି ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଭଗବାନ ସାହୁ, ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ, ଜିଲା ପ୍ରଶିକ୍ଷଣ ପ୍ରଭାରୀ ପବିତ୍ର ନାୟକ, ଜିଲା ସଦସ୍ୟ ରଘୁନାଥ ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସଭାପତି ପୀତବାସ ପ୍ରଧାନ, ହାତୀଓଟ ମଣ୍ଡଳ ସଭାପତି ଦିପକ ପ୍ରଧାନ, ପୋଲସରା ନଗର ମଣ୍ଡଳ ସଭାପତି ସୀମାଞ୍ଚଳ ସାହୁ ଓ ଉପସଭାପତି ଭାସ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରାଟି ପୋଲସରା ଏନ୍ଏସି ରାଣୀପଡ଼ା ବାଲୁଙ୍କେଶ୍ୱର ଶିବ ମନ୍ଦିରଠାରୁ ଆରମ୍ଭ ହୋଇ ବୁଗୁଡ଼ାରେ ସରିଥିଲା। ପୋଲସରା ବସ୍‌ଷ୍ଟାଣ୍ଡ ଏନ୍ଏସି ସମେତ ବୁଗୁଡ଼ା ମଦନମୋହନ ପାଣି ଛକରେ ଆୟୋଜିତ ପଥପ୍ରାନ୍ତ ସଭାରେ ପରୀ ହତ୍ୟାର ସିବିଆଇ ତଦନ୍ତ ସହ ମନ୍ତ୍ରୀ ସାହୁଙ୍କ ଗିରଫ ପାଇଁ ଦଳ ତରଫରୁ ନେତୃବୃନ୍ଦମାନେ ଦାବି କରିଛନ୍ତି। ଦାବିକୁ ପୂରଣ ନ ହେଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ

ହିଞ୍ଜିଳିକାଟୁ,୨୦।୧୨(ଡ଼ି.ଏନ୍.ଏ.)

ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ୱାର୍ଡ଼ ନଂ. ୭,୮ ଓ ୯ର ଜନସାଧାରଣଙ୍କୁ ସ୍ୱଚ୍ଛତା ସଚେତନତା ନିମନ୍ତ ଏକ ରାଲି ଓ ବୈଠକ ନୂଆଗଡ଼ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସାଥୀ, ପୌର କର୍ମଚାରୀ, ଏସ୍ଏଚ୍‌ଜି ମହିଳା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ଉକ୍ତ ୩ ୱାର୍ଡରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରେ ନୂଆଗଡ ନୃସିଂହ ମନ୍ଦିର ନିକଟରେ ଏକ ବୈଠକ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ପରିଷଦ ପିଡ଼ି ସୁଦାମ ଚରଣ ମଣ୍ଡଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଆଇଆଇସି ଅଭିମନ୍ୟୁ ଦାଶ ଉପସ୍ଥିତ ଥିଲେ। ପୌର ଅଧିକାରୀ ଡ଼. ମନୋରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ- ୨୦୨୧ ନିମନ୍ତେ ହିଞ୍ଜିଳିକାଟୁ ସହରାଞ୍ଚଳକୁ ସ୍ୱଚ୍ଛତା ର୍‍ୟାଙ୍କରେ ଅନ୍ୟତମ ଶ୍ରେଷ୍ଠ ସହରାଞ୍ଚଳ କରିବାକୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା। ପରେ ପ୍ରଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରାଯାଇଥିଲା।



ସଚେତନତା ରାଲି ସହର ପରିକ୍ରମା କରୁଛି ।

# ବିଶ୍ରାମାଗାର ଉଦ୍‌ଘାଟିତ



ସାଧୁସନ୍ଥଙ୍କ ଦ୍ୱାରା ବିଶ୍ରାମାଗାର ଉଦ୍‌ଘାଟନ।

ପାରଳାଖେମୁଣ୍ଡି(ଡି.ଏନ୍.ଏ.)/ ଗୋଷାଣୀ,୨୦।୧୨

ଗୋଷାଣି ବ୍ଲକ ବଡ଼କଣ୍ଡୁରୁ ପଞ୍ଚାୟତ ପ୍ରସିଦ୍ଧ ସଂଘ ପାହାଡ଼ ଶିଖର ପ୍ରଦେଶରେ ଏକ ବିଶ୍ରାମାଗାର ଶନିବାର ଉଦ୍‌ଘାନ କରାଯାଇଛି। ପାହାଡ଼ ନିକଟବର୍ତ୍ତୀ ଗାରାବନ୍ଧ, ଛତ୍ରପୁର, ବଡ଼କଣ୍ଡୁରୁ, ସାନକଣ୍ଡୁରୁ, ସାରିଆପଲ୍ଲୀ, ଆଡ଼ାଗ୍ରାମ ଆଦି ଗ୍ରାମର ବ୍ୟକ୍ତିମାନଙ୍କ ଆର୍ଥିକ ସହାୟତାରେ ସାଧୁସନ୍ଥମାନଙ୍କ ପାଇଁ ଏହି ବିଶ୍ରାମାଗାର ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ଗୁରୁ ନିମାଇଁ ଚରଣ ପଣ୍ଡା ଅଂଶଗ୍ରହଣ କରିଥିଲେ। ଆଶ୍ରମର ମୁଖ୍ୟ ଲକ୍ଷ୍ମୀବାବା ତଥା ତାଙ୍କ ଶିଷ୍ୟ ଅଲୟାନନ୍ଦ ବାବାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟାନ୍ୟ କମିଟି ସଭ୍ୟ ପ୍ରଫୁଲ୍ଲ ପାତ୍ର, ରଣଜିତ, ଏନ୍. ରାଜକୁମାର, ଏନ୍. ଧର୍ମା, ସୁରେଶ ପ୍ରମୁଖ ଯୋଗଦେଇଥିଲେ। ସୀତା ପାହାଡ଼କୁ ଆବଶ୍ୟକ ବିଶୁଦ୍ଧ ପାନୀୟ ଜଳ ତଥା ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରଶାସନ ଦୃଷ୍ଟି ଦେଉ ବୋଲି ଦାବି କରାଯାଇଛି।

# ଗ୍ରୁପ-୫ ନାଁରେ ମାମଲା, ପୁଣି ଟେଣ୍ଡରର ନେବାକୁ ମସୁଧା

ଫୁଲବାଣୀ ଅଫିସ,୨୦।୧୨

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ଜ୍ୟବସ୍ତୁ ପରିଚାଳନାରେ ବ୍ୟାପକ ଦୁର୍ନୀତି ହୋଇଛି। ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟରେ ନିଯୁକ୍ତି ଦେବା ପାଇଁ ଟେଣ୍ଡର ପାଇଥିବା ଠିକାସଂସ୍ଥା ଗ୍ରୁପ-୫ ନାମରେ ଜିଲା ଶ୍ରମ କାର୍ଯ୍ୟାଳୟରେ ମାମଲା ଦାଏର ହୋଇଛି। ଏହି ଘଟଣାରେ ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱରେ ଥିବା କିରାଣିଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସଂସ୍ଥା ନିଯୁକ୍ତି ଦେଇଥିବା ୩୪ ଯୁବତୀ ଯୁବକଙ୍କୁ ବିନା ନୋଟିସରେ ଦରମା ନ ଦେଇ ବିଦା କରିଦେଇଛି। ମାମଲା ଏବେ ଶ୍ରମ ବିଭାଗରେ ବିଚାରାଧୀନ ରହିଛି । ଏବେ ଏହି ସଂସ୍ଥା ପୁଣି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଏମଜିଏନ୍ଆରଇଜିଏସ୍‌ରେ ସହକାରୀ ପଦବୀ ପୂରଣ ପାଇଁ ବାହାରିଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଛି। ଏତେ ସବୁ ତୁମ୍ଫିତୋଫାନ ପରେ ଏହି ସଂସ୍ଥାକୁ କିପରି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ଦିଆଗଲା ତାହା ସନ୍ଦେହଘେରକୁ ଆସିଛି।

୨୦୧୭ରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରୁପ-୫ ସଂସ୍ଥା ଟେଣ୍ଡର ପାଇ ୩୪ ଆଟେଣ୍ଡାଣ୍ଟ ଏବଂ ସୁଇପରଙ୍କୁ ନିଯୁକ୍ତି ଦେଇଥିଲା । ପ୍ରତି କର୍ମଚାରୀଙ୍କ ପାଖରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଲେଖାଏ ଟଙ୍କା ସଂସ୍ଥା ଠକି ନେଇଥିଲା । ନିଯୁକ୍ତି ପତ୍ର ପାଇ କାମ କରିବା ପରେ କାହାକୁ ବର୍ଷକର ତ ଅନ୍ୟ କାହାକୁ ୬ ମାସର ଦରମା ମିଳିଥିଲା । ଏପରକି କେତେଜଣ ଆଦୌ ଦରମା ପାଇ ନ ଥିବା ଠିକା ସଂସ୍ଥାକୁ ଅବଗତ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ତେଣୁ ସେମାନେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ଶେଷରେ ଜିଲା ଶ୍ରମ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ । ଯାହାକି ଏବେ ବି ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ପୁଣି ଉକ୍ତ ସଂସ୍ଥା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ବାହାରିଥିବା ଏକ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ଓ ପ୍ରଶାସନ ସବୁଜାଣି ଚୁପ ବସିବା ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ଏହି ଘଟଣା ଜାଣିବା ପରେ ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମାମଲା ବିଚାରାଧୀନ ଥିବା ସଂସ୍ଥାକୁ ପୁଣି ଟେଣ୍ଡରରେ ଭାଗ ନେବାକୁ ସୁଯୋଗ ଦିଆଯାଇଥିବାରୁ ଅନ୍ୟ ଠିକା ସଂସ୍ଥା ସମେତ ବିଭିନ୍ନ ମହଲରେ ବିରୋଧ କରାଯାଇଛି । ଜଣେ ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବରେ ଏହି ସଂସ୍ଥା ଟେଣ୍ଡର ନେବାକୁ ମସୁଧା ଚଳାଇଛି । ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଏହି ସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରୁ ଅନ୍ତର କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ଗ୍ରୁପ-୫ର ଜଣେ କର୍ମକର୍ତ୍ତାଙ୍କ ଫୋନ(ନଂ.୯୪୩୮୦୪୨୫୮୬)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନାହାନ୍ତି।

